# NATIONAL NEWS BULLETIN (ODIA)
## 13 February - 2026
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- ୧୪୦ କୋଟି ଦେଶବାସୀଙ୍କ ଭାବନାକୁ ଆଗେଇ ନେବା ପାଇଁ ସେବାତୀର୍ଥ ଓ କର୍ତ୍ତବ୍ୟ ଭବନ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ, କହିଲେ ପ୍ରଧାନମନ୍ତ୍ରୀ ।

– ନୂତନ କାର୍ଯ୍ୟାଳୟରୁ ପ୍ରଥମ ନିଷ୍ପତ୍ତିରେ ଅନେକ ଗୁରୁତ୍ୱପୂର୍ଣ୍ଣ ଯୋଜନାକୁ ଦେଲେ ମଞ୍ଜୁରୀ ।

- ଭାରତ ସମସ୍ତ ମୁକ୍ତ ବାଣିଜ୍ୟ ରାଜିନାମାରେ ଚାଷୀ, ଦୁଗ୍ଧ କ୍ଷେତ୍ର ଏବଂ ଏମ୍.ଏସ୍.ଏମ୍.ଇ.ମାନଙ୍କ ସ୍ୱାର୍ଥକୁ ସୁରକ୍ଷା ଦେଇଛି, କହିଲେ ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ।

- ବାଂଲାଦେଶ ନିର୍ବାଚନରେ ବି.ଏନ୍.ପି.କୁ ସ୍ୱଷ୍ଟ ବହୁମତ ।

ଏବଂ

- ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ପ୍ରତିଯୋଗିତାରେ ଆମେରିକା ବିପକ୍ଷରେ ଟସ୍ ଜିତି ବୋଲିଂ କରିବାକୁ ନିଷ୍ପତ୍ତି ନେଲା ନେଦରଲ୍ୟାଣ୍ଡ ।

## ପିଏମ୍-ସେବାତୀର୍ଥ

ଭାରତୀୟ ଜନତାଙ୍କ ଆକାଂକ୍ଷାକୁ ପୂରଣ କରିବା ପାଇଁ ସେବାତୀର୍ଥ ଓ କର୍ତ୍ତବ୍ୟ ଭବନର ନିର୍ମାଣ କରାଯାଇଛି ବୋଲି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି। ନୂଆଦିଲ୍ଲୀରେ ଆଜି ସେବାତୀର୍ଥ ପରିସରକୁ ଉଦ୍‌ଘାଟନ କରି ଶ୍ରୀ ମୋଦୀ କହିଛନ୍ତି, ଏହି ଭବନରୁ ବିକଶିତ ଭାରତର ନୂଆ ଯାତ୍ରା ଆରମ୍ଭ ହେବ। ୧୪୦ କୋଟି ଦେଶବାସୀଙ୍କ ଭାବନାକୁ ଆଗେଇ ନେବା ପାଇଁ ଉଭୟ ସେବା ତୀର୍ଥ ଓ କର୍ତ୍ତବ୍ୟ ଭବନ ମାଇଲଖୁଣ୍ଟ ସାବ୍ୟସ୍ତ ହେବ। ବର୍ତ୍ତମାନ ଏକବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧ ପୂରଣ ହୋଇସାରିଛି। ବିକଶିତ ଭାରତର କଳ୍ପନା ନୀତି ଓ ଯୋଜନାରେ ସୀମିତ ରହିନାହିଁ। ଏହା ତାର କାର୍ଯ୍ୟସ୍ଥଳୀ ଓ ଅଟ୍ଟାଳିକାରେ ଦୃଶ୍ୟମାନ ହେବ। ନୂତନ ବୈଷୟିକ ଜ୍ଞାନକୌଶଳର ବ୍ୟବହାରକୁ ଗୁରୁତ୍ୱ ଦେଇ ଏହି ଭବନର ନିର୍ମାଣ କରାଯାଇଛି ବୋଲି ଶ୍ରୀ ମୋଦୀ କହିଛନ୍ତି।

**VO-**

ଏହି ନୂତନ ଅଟ୍ଟାଳିକାରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ରହିଛି । ସେବାତୀର୍ଥକୁ ସ୍ଥାନାନ୍ତରିତ ହେବା ପରେ ପ୍ରଥମ ନିଷ୍ପତ୍ତିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ପ୍ରଧାନମନ୍ତ୍ରୀ କେତୋଟି ଯୋଜନାକୁ ମଞ୍ଜୁରୀ ପ୍ରଦାନ କରିଛନ୍ତି । ସେଗୁଡ଼ିକ ମଧ୍ୟରେ ରାହତ୍ ଯୋଜନା, ଲକ୍ଷପତି ଦିଦିଙ୍କ ଲକ୍ଷ୍ୟକୁ ଦ୍ୱିଗୁଣ କରି ୬ କୋଟି କରିବା, କୃଷି ଭିତ୍ତିଭୂମି ପାଣ୍ଠିକୁ ଦ୍ୱିଗୁଣିତ କରି ୨ ଲକ୍ଷ କୋଟି ଟଙ୍କା ଏବଂ ଷ୍ଟାର୍ଟଅପ୍ ଇଣ୍ଡିଆ ପାଣ୍ଠି ଟୁ ପଏଣ୍ଟ ଓ'କୁ ୧୦ ହଜାର କୋଟି ଟଙ୍କାର କର୍ପସ୍ ପାଣ୍ଠି ମଞ୍ଜୁର କରିଛନ୍ତି । ସରକାର ମାର୍ଚ୍ଚ ୨୦୨୯ ସୁଦ୍ଧା ୬ କୋଟି ଲକ୍ଷପତି ଦିଦି ସୃଷ୍ଟି କରିବା ଲକ୍ଷ୍ୟ ରଖିଛନ୍ତି। ଭାରତର ସମଗ୍ର କୃଷି ମୂଲ୍ୟ ଶୃଙ୍ଖଳକୁ ସୁଦୃଢ଼ କରିବା ପାଇଁ କୃଷି ଭିତ୍ତିଭୂମି ପାଣ୍ଠିକୁ ୨ ଲକ୍ଷ କୋଟି ଟଙ୍କାକୁ ଦ୍ୱିଗୁଣିତ କରାଯାଇଛି ।

## ଭିପି-ସେବାତୀର୍ଥ

ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ୍ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ସେବାତୀର୍ଥର ଉନ୍ମୋଚନକୁ ଐତିହାସିକ ମୁହୂର୍ତ୍ତ ବୋଲି କହିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ରାଧାକ୍ରିଷ୍ଣନ୍ କହିଛନ୍ତି, ସେବାତୀର୍ଥ ଏକ ଆତ୍ମନିର୍ଭରଶୀଳ ଏବଂ ବିକଶିତ ଭାରତ ଆଡ଼କୁ ଭାରତର ଅଗ୍ରଗାମୀ ଯାତ୍ରାର ପ୍ରତୀକ । ଏହା ଦେଶକୁ ଅତୀତର ପ୍ରତୀକ ଏବଂ ଔପନିବେଶିକ

ଐତିହ୍ୟରୁ ଆଗକୁ ବଢ଼ି ସେବା ଏବଂ କର୍ତ୍ତବ୍ୟରେ ମୂଳ ଆଦର୍ଶକୁ ଗ୍ରହଣ କରିବାକୁ ସକ୍ଷମ କରିଛି ବୋଲି ଶ୍ରୀ ରାଧାକ୍ରିଷ୍ଣନ୍ କହିଛନ୍ତି ।

## ସେବାତୀର୍ଥ-ଅମିତ ଶାହା

ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା ନୂତନ ପ୍ରଧାନମନ୍ତ୍ରୀ କାର୍ଯ୍ୟାଳୟ 'ସେବାତୀର୍ଥ'ର ଉଦ୍‌ଘାଟନକୁ ଐତିହାସିକ ବୋଲି ବର୍ଣ୍ଣନା କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି, 'ସେବାତୀର୍ଥ' ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସେବା ଭାବନା ସହ ଚାଲିଥିବା ସରକାରଙ୍କ ସଂକଳ୍ପର ପ୍ରତୀକ । ଏହା ଏକ ବିକଶିତ ଏବଂ ଆତ୍ମନିର୍ଭରଶୀଳ ଭାରତ ଗଠନରେ ଏକ ମାଇଲ୍‌ଖୁଣ୍ଟ ପ୍ରମାଣିତ ହେବ ବୋଲି ଶ୍ରୀ ଶାହା କହିଛନ୍ତି ।

## ଗୋୟଲ୍-ଏଫ୍‌ଟିଆଇ

ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି, ଭାରତ ବ୍ୟତୀତ ଅନ୍ୟ କୌଣସି ଦେଶ ଅଷ୍ଟ୍ରେଲିଆ, ନ୍ୟୁଜିଲାଣ୍ଡ, ବ୍ରିଟେନ୍, ୟୁରୋପୀୟ ସଂଘ, ଚତୁରାଷ୍ଟ୍ରୀୟ ଇ.ଏଫ୍.ଟି.ଏ. ଏବଂ ଆମେରିକା ସହିତ ମୁକ୍ତ ବାଣିଜ୍ୟ ରାଜିନାମା ଏଫ୍.ଟି.ଏ. ଚୂଡ଼ାନ୍ତ କରିନାହିଁ । ନୂଆଦିଲ୍ଲୀରେ ଏକ

କାର୍ଯ୍ୟକ୍ରମରେ ଯୋଗଦେଇ ମନ୍ତ୍ରୀ କହିଛନ୍ତି, ଭାରତ ସମସ୍ତ ମୁକ୍ତ ବାଣିଜ୍ୟ ରାଜିନାମାରେ ଚାଷୀ, ଦୁଗ୍ଧ କ୍ଷେତ୍ର ଏବଂ ଏମ୍.ଏସ୍.ଏମ୍.ଇ. ମାନଙ୍କର ସ୍ୱାର୍ଥକୁ ସୁରକ୍ଷା ଦେଇଛି । ଶ୍ରୀ ଗୋୟଲ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମିଶନ୍ ମୋଡ୍‌ରେ ସଂସ୍କାର ଏଜେଣ୍ଡାକୁ ଆଗକୁ ବଢ଼ାଇଛନ୍ତି । ସେ କହିଛନ୍ତି, ୩୮ଟି ଦେଶକୁ ୯ଟି ଏଫ୍.ଟି.ଏ. ଅଧୀନରେ ସାମିଲ କରାଯାଇଛି, ଯାହା ମିଳିତ ଭାବେ ବିଶ୍ୱ ଅର୍ଥନୀତିର ଦୁଇ ତୃତୀୟାଂଶ । ଭାରତ ବିନା ବିଶ୍ୱ ମୂଲ୍ୟ ଶୃଙ୍ଖଳରେ କୃତ୍ରିମ ବୁଦ୍ଧିମତାର ବିସ୍ତାର କଷ୍ଟକର ହେବ ବୋଲି ଶ୍ରୀ ଗୋୟଲ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

## ଇଣ୍ଡିଆ-ୟୁଏସ୍ ଟ୍ରେଡ୍ ଡିଲ୍

ଏମ୍.ଏମ୍. ଇଣ୍ଟରନ୍ୟାସନାଲ୍‌ର ପ୍ରତିଷ୍ଠାତା ଅଂଶିଦାର ନିମିଶ ଭୋରା କହିଛନ୍ତି, ଭାରତ-ଆମେରିକା ବାଣିଜ୍ୟ ଚୁକ୍ତିନାମା ଦୁଇ ଦେଶ ମଧ୍ୟରେ ବାଣିଜ୍ୟକୁ ନୂତନ ଶକ୍ତି ପ୍ରଦାନ କରିଛି । ଆକାଶବାଣୀ ସମ୍ବାଦ ସହ ସ୍ୱତନ୍ତ୍ର ଆଲୋଚନାରେ ଶ୍ରୀ ଭୋରା କହିଛନ୍ତି, ବାଣିଜ୍ୟ ଚୁକ୍ତିନାମା ଘୋଷଣା ହେବା ପରଠାରୁ ମସଲା ରପ୍ତାନୀରେ ସ୍ଥିର ଅଭିବୃଦ୍ଧି ଘଟିଛି ।

# ଶିବରାଜ-ଆଇଏଆର୍‌ଆଇ କନ୍‌ଭୋକେସନ

କେନ୍ଦ୍ର କୃଷି ଏବଂ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ ଚୌହାନ କହିଛନ୍ତି, ୟୁରୋପୀୟ ସଂଘ କିମ୍ବା ଆମେରିକା ସହିତ ହୋଇଥିବା ସାମ୍ପ୍ରତିକ ମୁକ୍ତ ବାଣିଜ୍ୟ ରାଜିନାମା ଭାରତର ଜାତୀୟ ସ୍ୱାର୍ଥକୁ ସମ୍ପୂର୍ଣ୍ଣ ସୁରକ୍ଷା ଦେଇଛି । ଏଥିରେ କୃଷକଙ୍କ କଲ୍ୟାଣକୁ ସର୍ବୋଚ୍ଚ ପ୍ରାଥମିକତା ଦିଆଯାଇଛି । ନୂଆଦିଲ୍ଲୀରେ ଆଇ.ସି.ଏ.ଆର୍. ଭାରତୀୟ କୃଷି ଗବେଷଣା ପ୍ରତିଷ୍ଠାନ ଆଇ.ଏ.ଆର୍.ଆଇ.ର ୬୪ତମ ସମାବର୍ତ୍ତନ ଉତ୍ସବରେ ଉଦ୍‌ବୋଧନ ଦେଇ ଶ୍ରୀ ଚୌହାନ କହିଛନ୍ତି, ଭାରତ ଚୀନ୍‌କୁ ପଛରେ ପକାଇ ବିଶ୍ୱର ଏକ ନମ୍ବର ଧାନ ଉତ୍ପାଦନକାରୀ ହୋଇସାରିଛି । ଭାରତୀୟ ଗହମ କିସମ ସାରା ବିଶ୍ୱରେ ଆଦୃତ ହେଉଛି । ସେ ଗୁରୁତ୍ୱାରୋପ କରି କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏକ ଶକ୍ତିଶାଳୀ, ସମୃଦ୍ଧ, ଆତ୍ମନିର୍ଭରଶୀଳ ଭାରତ ନିର୍ମାଣ ହେଉଛି । ଏକ ବିକଶିତ ଭାରତ ନିର୍ମାଣ ମିଶନ୍‌ରେ ଯୋଗଦାନ ଦେବାକୁ ପ୍ରସ୍ତୁତ ରହିବାକୁ ସେ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିଲେ ।

**VO-**

ଏହି ଅବସରରେ ଶ୍ରୀ ଚୌହାନ କୃତି ଛାତ୍ରଛାତ୍ରୀମାନଙ୍କୁ ଡିଗ୍ରୀ ପ୍ରଦାନ କରିଥିଲେ । ଭାରତୀୟ କୃଷି ଗବେଷଣା ପରିଷଦ ଅଧୀନରେ କାର୍ଯ୍ୟ କରୁଥିବା ଆଇ.ଏ.ଆର୍.ଆଇ. ହେଉଛି, ୧୨୧ ବର୍ଷ ପୁରୁଣା କୃଷି ଗବେଷଣା ପ୍ରତିଷ୍ଠାନ, ଯାହା ଭାରତର ଖାଦ୍ୟ, ପୌଷ୍ଟିକତା ଏବଂ ଜୀବିକା ସୁରକ୍ଷା ସୁନିଶ୍ଚିତ କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରେ ।

# ଗଢ୍‌-ହ୍ୱିଟ୍ ଏକ୍ସପୋର୍ଟ୍

ଘରୋଇ ବଜାରକୁ ସ୍ଥିରତା ପ୍ରଦାନ କରିବା ଏବଂ ଉତ୍ପାଦକମାନଙ୍କ ଲାଭ ସୁନିଶ୍ଚିତ କରିବା ପାଇଁ ସରକାର ୨୫ ଲକ୍ଷ ମେଟ୍ରିକ୍ ଟନ୍ ଗହମ ରପ୍ତାନୀ ସହିତ ଅତିରିକ୍ତ ୫ ଲକ୍ଷ ମେଟ୍ରିକ୍ ଟନ୍ ଗହମ ଉତ୍ପାଦ ରପ୍ତାନୀକୁ ଅନୁମୋଦନ କରିଛନ୍ତି । ଖାଉଟି ବ୍ୟାପାର, ଖାଦ୍ୟ ଏବଂ ସାଧାରଣ ବଣ୍ଟନ ମନ୍ତ୍ରଣାଳୟ କହିଛି, ବର୍ତ୍ତମାନର ଉପଲବ୍ଧତା ଏବଂ ମୂଲ୍ୟ ପରିସ୍ଥିତିର ଏକ ବ୍ୟାପକ ମୂଲ୍ୟାଙ୍କନ ପରେ ଏହି ନିଷ୍ପତ୍ତି ନିଆଯାଇଛି । ମନ୍ତ୍ରଣାଳୟ କହିଛି, ୨୫ ଲକ୍ଷ ମେଟ୍ରିକ୍ ଟନ୍ ଗହମ ଏବଂ ୫ ଲକ୍ଷ ମେଟ୍ରିକ୍ ଟନ୍ ଗହମ ଉତ୍ପାଦ ରପ୍ତାନୀକୁ ଅନୁମତି ଦେବା ପାଇଁ ସରକାରଙ୍କ ନିଷ୍ପତ୍ତି ଘରୋଇ ମୂଲ୍ୟକୁ ସ୍ଥିର କରିବା ସହ ଉତ୍ପାଦକମାନଙ୍କୁ ଲାଭ ପହଞ୍ଚାଇବ । ୨୦୨୫-୨୬ରେ ଘରୋଇ ସଂସ୍ଥାଗୁଡ଼ିକ ସହିତ ଗହମ ମହଜୁଦ ଉପଲବ୍ଧତା ପ୍ରାୟ ୭୫ ଲକ୍ଷ ମେଟ୍ରିକ୍ ଟନ୍ ରହିଛି, ଯାହା ଗତବର୍ଷର ସମାନ ସମୟ ତୁଳନାରେ ପ୍ରାୟ ୩୨ ଲକ୍ଷ ମେଟ୍ରିକ୍ ଟନ୍ ଅଧିକ । ସେହିପରି ୨୦୨୬ ରବି ଋତୁରେ ଗହମ ଚାଷ ଜମି ଗତବର୍ଷ ୩୨୮ ଲକ୍ଷ ହେକ୍ଟର ତୁଳନାରେ ପ୍ରାୟ ୩୩୪ ଲକ୍ଷ ହେକ୍ଟରକୁ ବୃଦ୍ଧି ପାଇଛି ।

# ରେଡ଼ିଓ ଡେ

ବିଶ୍ୱ ରେଡ଼ିଓ ଦିବସ ଅବସରରେ ଆଜି ଛତିଶଗଡ଼ର ରାୟପୁର ଠାରେ ଆକାଶବାଣୀ ଏବଂ ୟୁନେସ୍କୋ ଦ୍ୱାରା ମିଳିତ ଭାବେ ଏକ ଜାତୀୟ ସ୍ତରୀୟ ବିଶେଷ କାର୍ଯ୍ୟକ୍ରମ ଆୟୋଜନ କରାଯାଉଛି । କାର୍ଯ୍ୟକ୍ରମକୁ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେବ ସାଏ ଉଦ୍‌ଘାଟନ କରିଥିଲେ । ଚଳିତ ବର୍ଷ ବିଶ୍ୱ ରେଡ଼ିଓ ଦିବସର ବିଷୟବସ୍ତୁ ରହିଛି – 'ରେଡ଼ିଓ ଏବଂ କୃତ୍ରିମ ବୁଦ୍ଧିମତା' । ସ୍ୱାଗତ ଭାଷଣ ପ୍ରଦାନ କରି ଆକାଶବାଣୀ ମହାନିର୍ଦ୍ଦେଶକ ରାଜୀବ ଜୈନ କହିଥିଲେ, ରେଡ଼ିଓ କେବଳ ଯୋଗାଯୋଗର ଏକ ମାଧ୍ୟମ ନୁହେଁ ବରଂ ସମାଜର ସାମଗ୍ରୀକ ବିକାଶରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ୨୩ଟି ଭାଷା ଏବଂ ୧୮୨ଟି ଉପଭାଷା ମାଧ୍ୟମରେ ଆକାଶବାଣୀ ଦେଶର ଦୂରଦୂରାନ୍ତରେ ପହଞ୍ଚିଛି ବୋଲି ଶ୍ରୀ ଜୈନ କହିଛନ୍ତି ।

# ବାଂଲାଦେଶ-ପୋଲ

ବାଂଲଶଦେଶରେ ନିର୍ବାଚନ ଆୟୋଗଙ୍କ ଦ୍ୱାରା ୨୯୭ଟି ନିର୍ବାଚନ ମଣ୍ଡଳୀରେ ଘୋଷିତ ଅନୌପଚାରିକ ଫଳାଫଳ ଅନୁସାରେ ବାଂଲାଦେଶ ନ୍ୟାସନାଲିଷ୍ଟ ପାର୍ଟି – ବିଏନ୍‌ପି ଏବଂ ଏହାର ସହଯୋଗୀ ଦଳ ୨୧୨ଟି ଆସନ ପାଇଛନ୍ତି । ଯେଉଁଥିରେ ବିଏନ୍‌ପି' ୨୦୯ଟି ଆସନରେ ବିଜୟ

ଲାଭ କରିଛି । ଏହାର ସହଯୋଗୀ ଦଳ ଗଣୋସମ୍ହାତି ଆନ୍ଦୋଳନ, ବାଂଲାଦେଶ ଜାତୀୟ ପାର୍ଟି ଏବଂ ଗୋଣୋ ଅଧିକାର ପରିଷଦ ଗୋଟିଏ ଲେଖାଏଁ ଆସନ ଜିତିଛନ୍ତି । ଅନ୍ୟ ପକ୍ଷରେ ବାଂଲାଦେଶ ଜମାତ୍-ଏ-ଇସଲାମି ଏବଂ ଏହାର ସହଯୋଗୀ ଦଳକୁ ୭୭ଟି ଆସନ ମିଳିଛି । ପ୍ରାର୍ଥୀଙ୍କ ମୃତ୍ୟୁ ପରେ ଗୋଟିଏ ଆସନରେ ମତଦାନ ସ୍ଥଗିତ ଥିବାରୁ ୩୦୦ଟି ନିର୍ବାଚନ ମଣ୍ଡଳୀ ମଧ୍ୟରୁ ୨୯୯ଟିରେ ମତଦାନ ହୋଇଥିଲା । ସଂସଦୀୟ ନିର୍ବାଚନ ସହିତ ଏକ ଜାତୀୟ ଜନମତରେ ୬୦ ଦଶମିକ୍ ୨/୬ ପ୍ରତିଶତ ମତଦାନ ରେକର୍ଡ଼ ହୋଇଥିଲା ।

## କ୍ରିକେଟ୍

ଆଇ.ସି.ସି. ପୁରୁଷ ଟି-ଟ୍ୱେଣ୍ଟି କ୍ରିକେଟ୍ ବିଶ୍ୱକପ୍ ପ୍ରତିଯୋଗିତାରେ ଆଜିର ତୃତୀୟ ମ୍ୟାଚ୍‌ରେ ଆମେରିକା ବିପକ୍ଷରେ ଟସ୍ ଜିତି ନେଦରଲ୍ୟାଣ୍ଡ ବୋଲିଂ କରିବାକୁ ନିଷ୍ପତ୍ତି ନେଇଛି ।

ଆଜି ଖେଳାଯାଇଥିବା ପ୍ରଥମ ମ୍ୟାଚ୍‌ରେ ଅଷ୍ଟ୍ରେଲିଆକୁ ୨୩ରନ୍‌ରେ ପରାସ୍ତ କରି ଜିମ୍ବାୱେ ବିପର୍ଯ୍ୟୟ ସୃଷ୍ଟି କରିଛି । ୧୭୦ରନ୍‌ର ବିଜୟ ଲକ୍ଷ୍ୟକୁ ପିଛା କରି ଅଷ୍ଟ୍ରେଲିଆ ୧୯ ଓଭର ୩ଟି ବଲ୍‌ରେ ସମସ୍ତ ୱିକେଟ୍ ହରାଇ ୧୪୬ରନ୍ କରିବାକୁ ସକ୍ଷମ ହୋଇଥିଲା ।

ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମ୍‌ରେ କାନାଡ଼ା ଓ ସଂଯୁକ୍ତ ଆରବ ଏମିରେଟ୍ସ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍‌ରେ ସଂଯୁକ୍ତ ଆରବ ଏମିରେଟ୍ସ – ୟୁଏଇ ୫ ୱିକେଟ୍‌ରେ ବିଜୟ ଲାଭ କରିଛି । ୟୁଏଇ ୧୫୧ରନ୍‌ର ପିଛା କରି ୧୯ ଓଭର ୪ଟି ବଲ୍‌ରେ ୫ ୱିକେଟ୍ ହରାଇ ବିଜୟଲକ୍ଷ୍ୟ ହାସଲ କରିଥିଲା ।

## ସୁଟିଂ ଚାମ୍ପିୟନ୍‌ସିପ୍

ନୂଆଦିଲ୍ଲୀରେ ଏସୀୟ ବନ୍ଧୁକ ଚାମ୍ପିୟନ୍‌ସିପ୍ ୨୦୨୬ର ଶେଷ ଦିନରେ ଭାରତ ୭ଟି ପଦକ ସହିତ ତାର ଅଭିଯାନ ଶେଷ କରିଛି । ସିନିୟର୍ ରାଇଫଲ୍ ଏବଂ ପିସ୍ତଲ ଇଭେଣ୍ଟରେ ମୋଟ୍ ପଦକ ସଂଖ୍ୟା ୩୩ରେ ପହଞ୍ଚିଛି । ସେଥିରେ ୧୩ଟି ସ୍ୱର୍ଣ୍ଣ, ୧୧ଟି ରୌପ୍ୟ ଏବଂ ୯ଟି କାଂସ୍ୟ ପଦକ ସାମିଲ ଅଛି ।